Roll No. | | | | | | |

**SET-01**

Candidates must write the Set No on the title page of the answer book.

# SAHODAYA PRE-BOARD EXAMINATION - 2024-25

- Please check that this question paper contains 6 printed pages.
- Set number given on the right hand side of the question paper should be written on the title page of the answer book by the candidate.
- Check that this question paper contains 14 questions.
- Please write down the serial number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during the period. Students should not write anything in the question paper.

## CLASS - X

## ଓଡ଼ିଆ

## ODIA (013)

ସମୟ: ୩ ଘଣ୍ଟା | ପୂର୍ଣ୍ଣ ସଂଖ୍ୟା - ୮୦

**Time Allowed : 3 hours** | **Maximum Marks: 80**

ସୂଚନା: ଏହି ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ରହିଛି ।

(କ) SECTION - A - Reading - 10 Marks

(ଖ) SECTION - B -Writing - 12 Marks

(ଗ) SECTION- C - Grammar - 10 Marks

(ଘ) SECTION - D - Literature - 48 Marks

## SECTION - A

1. ନିମ୍ନପ୍ରଦତ୍ତ ଅନୁଚ୍ଛେଦଟିକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5 x 2 =10

ଶ୍ରଦ୍ଧା ଓ ବିଶ୍ୱାସର ମିଳନଦ୍ୱାରା ହିଁ ମାନବିକତାର ବିକାଶ ହୁଏ । ଏହା ହେଉଛି ଭାରତୀୟ ସଂସ୍କୃତିର ଗୁପ୍ତତତ୍ତ୍ୱ । ଆମେ ବର୍ତ୍ତମାନ ଶ୍ରଦ୍ଧା ଓ ବିଶ୍ୱାସ ଆଧାରିତ ଜୀବନ ପରିବର୍ତ୍ତେ ସୁବିଧାବାଦୀ ଜୀବନଯାପନକୁ ଆଦରି ନେଇଛେ । ଆଧ୍ୟାତ୍ମିକତାର ପ୍ରାଣଶକ୍ତି ନିଃସ୍ୱାର୍ଥପରତା ଆଜି ଆମ ପାଇଁ ଦୁଃସ୍ୱପ୍ନ । ସ୍ୱାର୍ଥ ଆମ ଉପରେ ଆଧିପତ୍ୟ ବିସ୍ତାରପୂର୍ବକ ଆମକୁ ପ୍ରକୃତ ମାନବିକତାଠାରୁ ଦୂରେଇ ନେଇଛି । ଆଜି ସମାଜରେ ପଶୁ ପ୍ରବୃତ୍ତି ଗୁଡ଼ିକ କ୍ରମେ ମନୁଷ୍ୟଠାରେ ବୃଦ୍ଧି ପାଉଛି । ବସ୍ତୁବାଦର ବିକାଶ ସଙ୍ଗେସଙ୍ଗେ ମନୁଷ୍ୟର ସଦ୍‌ଗୁଣଗୁଡ଼ିକ କ୍ରମଶଃ ଲୋପ ପାଉଛି । ମନୁଷ୍ୟ ଯେତେ ସ୍ୱାର୍ଥପର ହେବ ତାହାର ଆତ୍ମା ସେତେ ବେଶି ସଙ୍କୁଚିତ ହେବ । ସମାଜରେ ସମ୍ପ୍ରତି ଦେଖାଦେଇଥିବା ନୈତିକ ଅବକ୍ଷୟ ମୂଳରେ ରହିଛି, ମଣିଷର ସ୍ୱାର୍ଥପର ମନୋବୃତ୍ତି । ପ୍ରତ୍ୟେକ ବ୍ୟକ୍ତି ସ୍ୱାର୍ଥପର ହୋଇ ନିଜ ସମୃଦ୍ଧି ସାଧନାରେ ନିରନ୍ତର ବ୍ୟସ୍ତ ରହୁଛି । ମନୁଷ୍ୟ ବୁଝିବା ଉଚିତ ତ୍ୟାଗ ଦ୍ୱାରା ହିଁ ଭୋଗ ସୁଖମୟ ହୁଏ । ବିପୁଳ ଧନସମ୍ପତ୍ତି ଠୁଳ କରିପାରିଲେ କେହି ସର୍ବଜନପୂଜ୍ୟ ହୋଇପାରିବେ ନାହିଁ । ସେବା, ତ୍ୟାଗ, ପରୋପକାର, ନିରହଙ୍କାର, ନିଃସ୍ୱାର୍ଥପର, ଦୟା, କ୍ଷମା, ନମ୍ରତା, ସହିଷ୍ଣୁତା ପ୍ରଭୃତି ମହନୀୟ ଗୁଣାବଳୀରେ ନିଜକୁ ଗଢ଼ି ତୋଳିଲେ ବ୍ୟକ୍ତି ସର୍ବତ୍ର ପ୍ରଶଂସିତ ହୋଇପାରିବ । ନୀତିମୟ ଜୀବନକୁ ଆଦର୍ଶରୂପେ ମାନିନେଇ ସାମାଜିକ ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରିବା ପ୍ରତ୍ୟେକ ବ୍ୟକ୍ତିର ସମୁଚିତ କର୍ତ୍ତବ୍ୟ । ଯାହାଦ୍ୱାରା, ଆମ ଦୁନିଆ ହସିଉଠିବ ।

**ପ୍ରଶ୍ନାବଳୀ:**

(i) ବର୍ତ୍ତମାନ ଆମେ କିଭଳି ଜୀବନକୁ ଆଦରି ନେଇଛେ ?

(ii) ସମ୍ପ୍ରତି ଦେଖାଦେଇଥିବା ନୈତିକ ଅବକ୍ଷୟ ମୂଳରେ କ'ଣ ରହିଛି ?

(iii) କାହାଦ୍ୱାରା ଆମ ଦୁନିଆ ହସିଉଠିବ ?

(iv) ଆଜି ଆମ ପାଇଁ କ'ଣ ଦୁଃସ୍ୱପ୍ନ ହୋଇଛି ?

(v) କେତେବେଳେ ବ୍ୟକ୍ତି ସର୍ବତ୍ର ପ୍ରଂଶସିତ ହୋଇପାରିବ ?

## SECTION- B

2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । 6

(i) ଛାତ୍ର ଓ ସମୟାନୁବର୍ତ୍ତିତା

(ii) ମାତୃଭାଷାର ମହତ୍ତ୍ୱ

(iii) ଯୁଦ୍ଧ ଓ ବିଶ୍ୱଶାନ୍ତି

3. 'ସବୁଜ ପୃଥିବୀ' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ଏକ ପତ୍ର ଲେଖ ।

କିମ୍ବା 6

ଅତ୍ୟଧିକ ମୋବାଇଲ ବ୍ୟବହାରର ଅପକାରିତା ବିଷୟରେ ଜନ ସଚେତନତା ସୃଷ୍ଟି ପାଇଁ ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ରର ସମ୍ପାଦକଙ୍କ ନିକଟକୁ ଏକ ପତ୍ର ଲେଖ ।

(ବି.ଦ୍ର:- ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION- C

4. ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ । 4

(i) ନଟବାଣୀ

(ii) ବଙ୍ଗଳାଶ୍ରୀ

5. ସୂଚନା ଅନୁସାରେ ବାକ୍ୟ ପରିବର୍ତ୍ତନ କର । (ଯେ କୌଣସି 2ଟିର) 2 x 1=2

(i) ଯଦିଓ ହରିବାବୁଙ୍କର ବ୍ୟବସାୟରେ କ୍ଷତି ହୋଇଛି ତଥାପି ସେ ଭାଙ୍ଗିପଡ଼ି ନାହାନ୍ତି । (ଯୌଗିକବାକ୍ୟ କର)

(ii) ଅତିଥି ବିଦ୍ୟାଳୟକୁ ଯାଇ ଶ୍ରେଣୀଗୃହ ପରିଦର୍ଶନ କଲେ । (ଜଟିଳବାକ୍ୟ କର)

(iii) ମେଘର ଗୁରୁଗମ୍ଭୀର ଗର୍ଜନ ଶୁଣିଲା ଓ ମୟୂରଗଣ ପୁଚ୍ଛ ମେଲାଇ ନୃତ୍ୟ ଆରମ୍ଭ କରିଦେଲେ ।

(ସରଳବାକ୍ୟ କର)

6. ନିମ୍ନଲିଖିତ ରୂଢ଼ିଗୁଡ଼ିକୁ ବ୍ୟବହାର କରି ସାର୍ଥକ ବାକ୍ୟଗଠନ କର । (ଯେକୌଣସି 2 ଟିର) 2 x 1=2

(i) ଫାଙ୍କା ଆୱାଜ

(ii) ବାଟ କାଟିବା

(iii) ବରଡ଼ା ପତ୍ର ପରି ଥରିବା

7. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ ଶବ୍ଦ ଲେଖ । (ଯେକୌଣସି 2ଟିର) 2 x 1=2

(i) ଅନୁସୂୟା

(ii) ବିଷର୍ଣ୍ଣ

(iii) ସୃଜନ

## SECTION- D

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1ଟିର) 5

(i) ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା ।

(ii) ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

9. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) କିଭଳି ଲୋକ ଜୀବନ-ଯୁଦ୍ଧରେ ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ ?

(ii) ମୈତ୍ରୀର ଧ୍ୱଜା କେତେବେଳେ ଉଡ଼ିବ ବୋଲି ପ୍ରବନ୍ଧରେ କୁହାଯାଇଛି ?

(iii) କୃଷି ବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା ?

(iv) କେଉଁମାନଙ୍କୁ 'ରିଙ୍ଗ୍ ଲିଡ଼ର' କୁହାଯାଉଥିଲା ?

(v) କେଉଁ ଘଟଣାରେ ବିବେକାନନ୍ଦଙ୍କ ହୃଦୟ ବିଗଳିତ ହୋଇଥିଲା ?

10. ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ପଢ଼ି ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ । 10 x 1=10

(i) ଶ୍ରୀକୃଷ୍ଣ କେଉଁଠାରୁ ଦ୍ୱାରକା ପର୍ଯ୍ୟନ୍ତ ଦୀର୍ଘପଥ ଅତିକ୍ରମ କରିଥିଲେ ?

(A) ଗୋପପୁର (B) ବୃନ୍ଦାବନ

(C) ଯମୁନା (D) ମଥୁରା

(ii) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମୟୂରଭଞ୍ଜ ଜିଲ୍ଲାର କେଉଁଠାରେ ଜନ୍ମଲାଭ କରିଥିଲେ ?

(A) ଖିଚିଙ୍ଗ୍ (B) ବାରିପଦା

(C) ଖୁଣ୍ଟା (D) ଚଡ଼ଦା

(iii) 'ମନବୋଧ ଚଉତିଶା'ର ରଚୟିତା କିଏ ?

(A) ଦୀନକୃଷ୍ଣ ଦାସ (B) ଭକ୍ତଚରଣ ଦାସ

(C) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (D) ମାର୍କଣ୍ଡ ଦାସ

(iv) 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶିତ ହୋଇଥିଲା ?

(A) ଉତ୍କଳ ମଧୁପ (B) ଉତ୍କଳ ପ୍ରଭା

(C) ଉତ୍କଳ ସାହିତ୍ୟ (D) ଉତ୍କଳ ପ୍ରସଙ୍ଗ

(v) ବିଜ୍ଞାନ କାହାର ଅନ୍ୱେଷଣରେ ଆମକୁ ବାଟ ଦେଖାଇଛି ?

(A) ଜ୍ଞାନର (B) ସଭ୍ୟତାର

(C) ସଂସ୍କୃତିର (D) ଧର୍ମର

(vi) କେଉଁ ଭାଷାର ପ୍ରଭାବରେ ମାତୃଭାଷା ନ ଜାଣି ମଧ୍ୟ ଲୋକେ ଜ୍ଞାନୀ ହେଲେ ?

(A) ସଂସ୍କୃତ (B) ପାର୍ସି

(C) ଇଂରେଜି (D) ହିନ୍ଦୀ

(vii) ପୋଲିସ କେଉଁ ଦେଶର ମାତୃଭାଷା ?

(A) ପୋଲାଣ୍ଡ (B) ହଲାଣ୍ଡ

(C) ନ୍ୟୁଜିଲାଣ୍ଡ (D) ଇଂଲଣ୍ଡ

(viii) କେଉଁ ମହର୍ଷିଙ୍କ ଅସ୍ଥିରେ ଅମୋଘ ଅସ୍ତ୍ର ତିଆରି ହୋଇଥିଲା ?

(A) ବଶିଷ୍ଠ (B) ଅଙ୍ଗୀରା

(C) ଦଧିଚି (D) କେଉଁଟି ନୁହେଁ

(ix) କେଉଁ ଭାଷାଟି ମୃତପ୍ରାୟ ଅବସ୍ଥାରୁ ଉଠି ଏବେ ରାଜ୍ୟ ଭାଷାରେ ପରିଣତ ହୋଇଛି ?

(A) ସଂସ୍କୃତ (B) ହିନ୍ଦୀ

(C) ଇଂରେଜି (D) ହିବ୍ରୁ

(x) ବିବେକାନନ୍ଦଙ୍କର ପ୍ରଥମ ଶିଷ୍ୟଙ୍କ ନାମ କ'ଣ ?

(A) ଶ୍ରୀ ଶରତ ଚନ୍ଦ୍ର ଗୁପ୍ତ
(B) ଶ୍ରୀ ସୁରେଶ ଚନ୍ଦ୍ର ମିତ୍ର
(C) ପାଓହାରୀ ବାବା
(D) ସ୍ୱାମୀ ରାମକୃଷ୍ଣାନନ୍ଦ

11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1 ଟିର) 5

(i) ପାପଗର୍ତ୍ତେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।

(ii) ଭାଜି ପଡ଼ୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା ।

12. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) ପର୍ବତମାଳାଗୁଡ଼ିକ ଉତ୍କଳ ଜନନୀଙ୍କ ଦେହରେ କିଭଳି ଭାବେ ଶୋଭାପାଉଛି ?

(ii) ଲକ୍ଷ୍ମୀ କାହିଁକି ଦୁର୍ଯ୍ୟୋଧନକୁ ଛାଡ଼ି ପଳାଇଲେ ?

(iii) ଅଙ୍ଗଦ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କଲେ ?

(iv) ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି ?

(v) କେଉଁ କର୍ମହେତୁ କବି ଏ ଦେଶକୁ ବୁଲିବାକୁ ଆସିଛନ୍ତି ?

13. ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ପଢ଼ି ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । 10 x 1 =10

(i) କେଉଁମାନଙ୍କ ଦ୍ୱାରା ଉତ୍କଳ ଜନନୀ ବନ୍ଦନୀୟା ?

(A) ମହାନ କବି ଓ ସୁପୁତ୍ର
(B) ବୀରଯୋଦ୍ଧା
(C) ଯୋଗୀଋଷି
(D) ଜ୍ଞାନବିଜ୍ଞାନ

(ii) ପନ୍ନଗନାରାୟଣ କହିଲେ କାହାକୁ ବୁଝାଯାଏ ?

(A) ସହଦେବ
(B) ଭୀମ
(C) ଦୁର୍ଯ୍ୟୋଧନ
(D) ଶ୍ରୀକୃଷ୍ଣ

(iii) 'ବନ୍ଦେ ଉତ୍କଳ ଜନନୀ' ଗୀତଟି କେଉଁ ମସିହାରେ ରାଜ୍ୟସଙ୍ଗୀତର ମାନ୍ୟତା ଲାଭ କରିଥିଲା ?

(A) ୧୯୫୦
(B) ୨୦୨୦
(C) ୧୯୪୭
(D) ୨୦୨୪

(iv) ଦୁର୍ଯ୍ୟୋଧନ ନିଜ ହାତକୁ କେଉଁଠି ପିଟି ବାହାସ୍ଫୋଟ ମାରିଲା ?

(A) ନିଜ ପେଟରେ
(B) ନିଜ ମୁଣ୍ଡରେ
(C) ନିଜ ଛାତିରେ
(D) ନିଜ ଗୋଡ଼ରେ

(v) ଉପେନ୍ଦ୍ରଭଞ୍ଜ କେଉଁ ମନ୍ତ୍ର ଜପ କରି କବିତ୍ୱ ଲାଭ କରିଥିଲେ ?

(A) ରାମ ତାରକ ମନ୍ତ୍ର (B) ମହାମୃତ୍ୟୁଞ୍ଜୟ ମନ୍ତ୍ର

(C) ଗାୟତ୍ରୀ ମନ୍ତ୍ର (D) ଶିବାଷ୍ଟକ

(vi) ଅଙ୍ଗଦଙ୍କ ପିତୃବ୍ୟ କିଏ ?

(A) ବାଳୀ (B) ସୁଗ୍ରୀବ

(C) ବିଭୀଷଣ (D) ସାରଣ

(vii) କିଶୋର ଚନ୍ଦ୍ରାନନ୍ଦଚମ୍ପୂର ରଚୟିତା କିଏ ?

(A) ଦୀନକୃଷ୍ଣ ଦାସ (B) ରାଧାନାଥ ରାୟ

(C) କବିସୂର୍ଯ୍ୟ ବଳଦେବ ରଥ (D) ଉପେନ୍ଦ୍ରଭଞ୍ଜ

(viii) ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗଙ୍ଗାଧର ମେହେରଙ୍କର କୃତି ନୁହେଁ ?

(A) ପ୍ରଣୟ ବଲ୍ଲରୀ (B) କୀଚକ ବଧ

(C) ଅଯୋଧ୍ୟା ଦୃଶ୍ୟ (D) ଚନ୍ଦ୍ରଭାଗା

(ix) କାହାର ଶଙ୍ଖଧ୍ୱନିରେ ଦୁଃଖ ଜ୍ୱାଳା ପ୍ରଶମିତ ହେବ ?

(A) ରୁଦ୍ରମାନବର (B) ଅତିମାନବର

(C) ମହାମାନବର (D) ଆଦିମାନବର

(x) କେଉଁ ପୁସ୍ତକ ପାଇଁ ବିଦ୍ୟୁତ୍‌ପ୍ରଭା ଦେବୀ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ ?

(A) ମାଟି ପାଣି ପବନ (B) ସଞ୍ଚୟନ

(C) ମରୀଚିକା (D) ସ୍ୱପ୍ନଦୀପ

14. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 6 ଟିର) 6 x 1=6

(i) କିଏ ଡେଇଁ ପଡ଼ି ଆଧୁନିକ କ୍ଲିଷ୍ଟ ଅବୋଧ କବିତାକୁ ତନ୍ନ ତନ୍ନ ବିଶ୍ଳେଷଣ କରି ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରକଟ କରନ୍ତି ?

(ii) କାଠୁରିଆ ସକାଳୁ କ'ଣ ପିଇ ଆସିଥିଲା ?

(iii) କାହା ସହିତ ରାଜଜେମା ଦରବାର କକ୍ଷକୁ ଆସିଲେ ?

(iv) ହରିଚନ୍ଦନପୁର ଗାଁମୁଣ୍ଡ ପୋଖରୀ ହୁଡ଼ାରେ କେତେଟା ତାଳଗଛ ଠିଆ ହୋଇଛି ?

(v) ବଉଳ ଗଛ ଛାଇରେ କିଏ ଭାଗବତ ପଢୁଥିଲେ ?

(vi) ବେବିର ସନ୍ଧ୍ୟାବେଳର ଖାଦ୍ୟ କ'ଣ ଥିଲା ?

(vii) "ସୂର୍ଯ୍ୟଦେବ ସ୍ୱୟଂ ନାରାୟଣ"–ଏହା କିଏ କହିଛନ୍ତି ?

(viii) କେଉଁ ଗଣ୍ଡ ଉପରେ କୋଣାର୍କ ମନ୍ଦିର ତୋଳା ହେବାକୁ ସ୍ଥିର ହେଲା ?

◈◈◈